# Akashvani, Sambalpur

## SAMBALPURI NEWS EVENING BULLETIN

## 14.4.2025- 7.02 pm- 7.12 pm.

*****************************************************

୧- ଉସତ୍, ଉଷ୍ନାକିଥି ରାଏଜେ ପାଲିତ୍ ହେଲା ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନୂଆବଛର୍ ଆର୍ ହନୁମାନ୍ ଜୟନ୍ତୀ ।

୨- ଓଡ଼ିଶାର୍ ସ୍ୱାଭିମାନ୍ ଆଉ ଗୌରବ୍‌ବେ ନେଇକରି ୧୪ ଦିନଧରି ଚାଲିଥିବା ଓଡ଼ିଆ ପକ୍ଷ ହେଲା ଉଦ୍‌ଯାପିତ ।

୩- ସମ୍ବିଧାନ୍ ପ୍ରଣେତା ଆଉ ସମାଜ୍ ସଂସ୍କାରକ୍ ବାବା ସାହେବ ଆମ୍ବେଦକରଙ୍କର୍ ଜୟନ୍ତୀ ଅବ୍‌ସରେ ଦେଶ୍‌ବାସୀ ଜନାଲେ ଶ୍ରଦ୍ଧାଞ୍ଜଳି ।

ଆଉର୍

୪- ଘଟଗାଁ ତାରିଣୀ ମନ୍ଦିର୍‌ର ବିକାଶ୍ ଲାଗି ୨ ଶହ ୧୫ କୋଟିନୁ ଅଏତ୍‌କା ଟଙ୍କାର ଡିପିଆର୍ ଘୋଷଣା କଲେ ମୁଖ୍ୟମନ୍ତ୍ରୀ ।

ମହାବିଷୁବ ସଂକ୍ରାନ୍ତୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ପବିତ୍ର ମହାବିଷୁବ ସଂକ୍ରାନ୍ତି । ଆଝିର୍ ଦିନୁ ବସନ୍ତ ଋତୁ ଶେଷ୍ ହେଇକରି ଗ୍ରୀଷ୍ମଋତୁ ମୁଲ୍ ହେସି । ତାତିର୍ ମୁକାବିଲା ଲାଗି ପଣା ପିଇବାର୍ ପରମ୍ପରା ରହିଛେ । ହେଥିର୍‌ଲାଗି ଆଝିର୍ ଦିନ୍‌କେ ପଣା ସଂକ୍ରାନ୍ତି ଭାବେ ପାଲନ୍ କରାଯାଏସି । ଓଡ଼ିଆ ପାଞ୍ଜି ହିସାବେ ମହାବିଷୁବ ସଂକ୍ରାନ୍ତି ବଛର୍‌ର ପହେଲା ଦିନ୍ ହେଇଥିବାର୍‌ନୁ ଆଝିର୍ ଦିନ୍‌କେ ଓଡ଼ିଆ ନୂଆବଛର୍ ଭାବେ ଭିଲ୍ ପାଲନ୍ କରାଯାଏସି । ବଛର୍ ମୁଲ୍ ହେଉଥିବାର୍‌ନୁ ଘରେ ଘରେ ଦେ’ ଦେବ୍‌ତାଙ୍କର୍ ଠାନେ ଖାସ୍ ପୂଜା କରାଯାଇଛେ । ସେନ୍ତା ପ୍ରଭୁ ଶ୍ରୀରାମଙ୍କର ପରମ ଭକ୍ତ ଶ୍ରୀ ହନୁମାନଙ୍କର ଭିଲ୍ ଆଏଜ୍ ଜନମ୍‌ଦିନ୍ । ସାରା ଦେଶେ ବଜରଙ୍ଗ ବଲି ହନୁମାନଙ୍କର୍ ଜୟନ୍ତୀ ବଡ଼ା ଉଷ୍‌ନାକିଥି ପାଲନ୍ କରାଯାଉଛେ ।

ଓଡ଼ିଆ ନୂଆବଛର୍ ଉଧେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ ଜରିଏ ରାଷ୍ଟ୍ରପତି କହିଛନ୍, ପଣା ସଂକ୍ରାନ୍ତି ସମାଜ୍‌କେ ପ୍ରେମ ଆଉ ଶାନ୍ତିର ବାର୍ତା ଦେସି । ଆନନ୍ଦ, ଉଲ୍ଲାସ୍‌ର ଇ ପରବ୍ ଆମ୍‌କୁ ଦେଶର୍ ଲାଗି ସମର୍ପିତ୍ ହେଇକରି କାମ୍ କର୍‌ବାର୍‌କେ ତହଁକାସି ବଲି ରାଷ୍ଟ୍ରପତି କହିଛନ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଆ ନୂଆବଛର୍ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି ଆଏବା ବଛର୍ ସମ୍‌କିରର୍ ଜୀବ୍‌ନଥି ସୁଖ୍, ଶାନ୍ତି ଆଉ ସମୃଦ୍ଧି ଭରିଦେଉ ବଲି କହିଛନ୍ । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହେତେ ଅଲ୍‌ଗା ମନ୍ତ୍ରୀମାନେ

ମହାବିଷୁବ ସଂକାନ୍ତି ଆଉ ଓଡ଼ିଆ ନୂଆବଛର୍ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ଓଡ଼ିଆ ନବବର୍ଷ- ସୁବର୍ଣ୍ଣପୁର/କଳାହାଣ୍ଡି/ଦେବଗଡ଼

ସମ୍ବାଦଦାତା

ମହାବିଷୁବ ସଂକ୍ରାନ୍ତି ଅବ୍‌ସରେ ସୁବର୍ଣ୍ଣପୁର ଜିଲ୍ଲାନ ଆଏଜ୍ ଭିନ୍ ଭିନ୍ ଦେବାଳୟମାନ୍‌କେ ପାରମ୍ପରିକ୍ ରୀତିନୀତି ଅନ୍‌ସାରେ ମେରୁ ପର୍ବ ପାଳିତ୍ ହେଇଛେ । ଦେବାଦେବୀମାନଙ୍କୁ ସ୍ୱତନ୍ତ୍ର ପଣା ପାଏନ୍ ଭୋଗ୍ ଲଗାଯିବାର୍ ସହେତେ ମହାବିଷୁବ ଆଳତି କରାଯାଇଛେ । ଅଷ୍ଟ ହନୁମାନ ମନ୍ଦିର ପୂଜା ଉତ୍‌ରୁ ଗୁଟେ ବିଶାଲ୍ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା । ପଶ୍ଚିମ ଓଡ଼ିଶାନ ମହାବିଷୁବ ସଂକ୍ରାନ୍ତିର୍ ମହତ୍ୱ ବାବ୍‌ଦେ ଉଲୁଣ୍ଡା ପଂଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଦେବାଶିଷ ପାଣ୍ଡିଆ କହିଛନ୍....

(ଭଏସ୍----ଦେବାଶିଷ ପାଣ୍ଡିଆ)

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପରିସରନ ଜିଲ୍ଲାସ୍ତରୀୟ ଓଡ଼ିଆ ନୂଆବଛର୍ ପାଲନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମଥି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ବିକଶିତ୍ ଓଡ଼ିଶା ଗଠନ୍ ଲାଗି ସଂକଳ୍ପବଦ୍ଧ ହେଇକରି କାମ୍ କର୍‌ବାର୍‌କେ କହିଛନ୍ । ଇ

ଅବ୍‌ସରେ ହୁଲ୍‌ହୁଲି, ଝୁଟି, ରଙ୍ଗୋଲି ଆଉ ପାରମ୍ପରିକ୍ ପିଠାପନା ପ୍ରଦର୍ଶନୀ ପ୍ରତିଯୋଗିତା ହେଇଯାଇଛେ ।

ଦେବଗଡ଼ ଜିଲ୍ଲା ସଂସ୍କୃତି ଭବନ୍‌ଠାନେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କର ଅଧ୍ୟକ୍ଷତାଥି ଓଡ଼ିଆ ନୂଆବଛର୍ ପାଳିତ୍ ହେଇଯାଇଛେ । କାର୍ଯ୍ୟକ୍ରମଥି ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଂଚ ରଞ୍ଜନ ବିଶ୍ୱାଳ ଯୋଗ୍ ଦେଇକରି ଆଚରଣ ଆଉ ଉଚ୍ଚାରଣ ଥି ଓଡ଼ିଆର ଭାବ୍‌କେ ପ୍ରଚାର ପ୍ରସାର୍ କର୍‌ବାର ଲାଗି କହିଥିଲେ ।

ବୌଦ୍ଧ ଜିଲ୍ଲାନ ଓଡ଼ିଆ ନୂଆବଛର, ମେରୁ ସଂକ୍ରାନ୍ତି, ପଣା ସଂକ୍ରାନ୍ତି ଆଉ ହନୁମାନ ଜୟନ୍ତୀ ଅବ୍‌ସରେ ମନ୍ଦିରମାନ୍‌କେ ଜବର୍ ଭିଡ଼ ହେଇଛେ । ଜିଲ୍ଲାର ଭିନ୍ ଭିନ୍ ଜାଗାନ ପଣା ବଂଟାଯାଇଛେ । ହନୁମାନ ଜୟନ୍ତୀ ଅବ୍‌ସରେ ଖଣ୍ଡା ପୂଜନ୍ ଆଉ ବାଇକ୍ ଶୋଭାଯାତ୍ରା ହେଇଯାଇଛେ ।

ହନୁମାନ ଜୟନ୍ତୀ ଶୋଭାଯାତ୍ରା- ଆର୍‌ଏନ୍‌ୟୁ/ ସମ୍ବଲପୁର

ହନୁମାନ ଜୟନ୍ତୀ ଅବ୍‌ସରେ ସମ୍ବଲପୁର ସହରେ ଆଏଜ୍ ଉପର୍‌ବେଲାନୁ ବିଶାଲ୍ ଶୋଭାଯାତ୍ରା ବାହାରିଛେ । ସହରର୍ ସବୁ ଇଲାକାନୁ ଭିନ୍ ଭିନ୍ ଆଖଡ଼ା ଦଲ୍‌ମାନେ ଶୋଭଯାତ୍ରାଥି ଜିଲ୍ଲା ସ୍କୁଲ୍ ଛକ୍‌କେ ପୁହୁଟିବାର୍ ଉତ୍‌ରୁ

ବ୍ରୁକ୍ସହିଲ୍ ହନୁମାନ ମନ୍ଦିର ନ ମହାଆଲ୍‌ତି ହେବା । କାର୍ଯ୍ୟକ୍ରମଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଯୋଗ୍‌ଦେବାର୍ କାର୍ଯ୍ୟକ୍ରମ ରହିଛେ ।

ଓଡ଼ିଆ ପକ୍ଷ-ମହାବିଷୁବ ସଂକ୍ରାନ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ଓଡ଼ିଶା ଦିବସ୍ ପାଲନ୍ ଦିନୁ ଓଡ଼ିଆ ପକ୍ଷ ପାଲନ୍ କରିଛନ୍ । ଓଡ଼ିଶାର୍ ସ୍ୱାଭିମାନ୍, ଗୌରବ୍, ପରିଚୟ, କଳା, ସଂସ୍କୃତିକେ ନେଇକରି ଏପ୍ରିଲ ୧ ତାରିଖନୁ ଆଏଜ୍‌ତକ୍ ପଁ’ଦିନ ଗୁଟେ ଖାସ୍ ଢଙ୍ଗେ ଇତାକେ ପାଲନ୍ କରାଯାଇଥିଲା ।

ଓଡ଼ିଆ ପକ୍ଷ ପାଲନ୍‌ର ଶେଷ୍ ଦିନେ ଆଏଜ୍ ମହାବିଷୁବ ସଂକ୍ରାନ୍ତି ଆଉ ଓଡ଼ିଆ ନୂଆବଛର୍ ପାଳନ କରାଯାଇଥିଲା । ଭୁବନେଶ୍ୱର ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟଠାନେ ଆଏଜ୍ ସଞ୍ଜବେଲେ ଓଡ଼ିଆ ପକ୍ଷର ଉଦ୍‌ଯାପନୀ ସମାରୋହ ପାଳନ ହଉଛେ । କାର୍ଯ୍ୟକ୍ରମଥି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ପର୍ଶ୍ଚିମ ଓଡ଼ିଶାର ସବୁ ଜିଲ୍ଲାନ ଭିଲ୍ ଓଡ଼ିଆ ପକ୍ଷ ଉଦ୍ଯାପିତ୍ ହେଇଯାଇଛେ ।

ଆମ୍ବେଦ୍କର୍ ଜୟନ୍ତୀ  ଆର୍ଏନ୍ୟୁ/ସମ୍ବଲପୁର ଭୁବନେଶ୍ୱର ସମ୍ବାଦଦାତା

ଭାରତୀୟ ସମ୍ବିଧାନ୍‌ର ପ୍ରଣେତା ଡକ୍ଟର୍ ଭିମ୍‌ରାଓ ଆମ୍ବେଦକର୍‌ଙ୍କର୍ ଶହେ ୩୪ ନମ୍ବର୍ ଜନମ୍ ଦିନ୍‌କେ ଆଏଜ୍ ସାରା ଦେଶେ ପାଳନ୍ କରାଯାଇଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗ୍‌ଦୀପ ଧନ୍‌ଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏଜ୍ ସଖାଲ୍‌ବେଲା ସଂସଦ ପରିସର୍‌ନ ଥିବା ପ୍ରେରଣାସ୍ଥଳକେ ଯାଇକରି ବିଆର୍ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍, ବାବା ସାହେବ ତାଙ୍କର ପ୍ରେରଣାଦାୟୀ ଜୀବନ୍‌ଥି ବହୁତ୍ ଅସୁବିଧାର୍ ସାମ୍ନା କର୍‌ବାର୍ ସହେତେ ନିଜର୍ ଗୁଟେ ଖାସ୍ ପରିଚୟ ବନେଇ ପାରିଥିଲେ ଆଉ ନିଜର୍ ଅସାଧାରଣ ସଫଲ୍‌ତା ଜରିଏ  ସାରା ପୁର୍‌ଥି ନ ସମ୍ମାନ୍‌ର ଅଧିକାରୀ ହେଇପାରିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍, ଆମ୍ବେଦକରଙ୍କର ଆଦର୍ଶ ଆଉ ସିଦ୍ଧାନ୍ତ ଆତ୍ମନିର୍ଭର ଆଉ ବିକଶିତ୍ ଭାରତ୍ ନିର୍ମାଣକେ ବର୍‌କସ୍ କର୍‌ବାର୍ ସହେତେ ଗତି ଦେବା ।

ଭୁବନେଶ୍ୱର ରାଜଭବନଠାନେ ହେଇଥିବା ଆମ୍ବେଦକର ଜୟନ୍ତୀ ପାଳନ ସମାରୋହଥି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଯୋଗ୍ ଦେଇକରି ବାବାସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଇ ଅବ୍ସରେ ସେ କହିଛନ୍, ଭାରତୀୟ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଭୀମରାଓ ଆମ୍ବେଦକରଙ୍କର ତ୍ୟାଗ ଆଉ ଆଦର୍ଶ ଦେଶ୍ବାସୀଙ୍କୁ ସବୁବେଲେ ରାସ୍ତା ଦେଖାବା ।

ସଖାଲ୍ବେଲା ସୂଚନା ଆଉ ଲୋକ ସମ୍ପର୍କ ବିଭାଗ୍ ତର୍ଫୁ ଭୁବନେଶ୍ୱରଠାନେ ଆମ୍ବେରଦକରଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ୍ ଦେଇକରି ଏଜି ଛକ୍ଠାନେ ସମ୍ବିଧାନ ପ୍ରଣେତାଙ୍କର ପ୍ରତିମୂର୍ତ୍ତିଥି ମାଲ୍ୟାର୍ପଣ କରିଛନ୍ ।

ବେଲ୍ବୁଢ଼େ ଜୟଦେବ ଭବନ୍ଠାନେ ହେବାର୍କେ ଥିବା ସାଧାରଣ ସଭାଥି ମୁଖ୍ୟମନ୍ତ୍ରୀଙ୍କର ସହେତେ ବହୁତ୍ ନେତାମନ୍ତ୍ରୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଆମ୍ବେଦ୍କର୍ ଜୟନ୍ତୀ

ସମ୍ବଲପୁର/ସୁବର୍ଣ୍ଣପୁର/ନୂଆପଡ଼ା/କଳାହାଣ୍ଡି/ଦେବଗଡ଼/ବୌଦ୍ଧ ସମ୍ବାଦଦାତା

ସମ୍ବଲପୁର ମୁଦିପଡ଼ା ଛକ୍‌ନ ଥିବା ଆମ୍ବେଦକରଙ୍କର ପ୍ରତିମୂର୍ତିଥି କେନ୍ଦ୍ରଶିକ୍ଷା ମନ୍ତ୍ରୀ ଆଉ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମଲ୍ୟାର୍ପଣ କରିଛନ୍ । ବାବା ସାହେବ ସାରା ଜୀବନ୍ ଗରିବ, ନିଷ୍ପେଷିତ୍ ଆଉ ପଛୁଆ ବର୍ଗର୍ ଲୁକ୍‌କୁ ସଶକ୍ତ କର୍‌ବାର ଦିଗେ ସମର୍ପିତ୍ ଥିଲେ ବଲି ଶ୍ରୀ ପ୍ରଧାନ ଇ ଅବ୍‌ସରେ କହିଛନ୍ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଯୋଗ୍ ଦେଇଥିଲେ ।

ସୁବର୍ଣ୍ଣପୁର ଜିଲ୍ଲାର ଭିନ୍ ଭିନ୍ ଜାଗାନ ଆମ୍ବେଦକର ଜୟନ୍ତୀ ପାଳିତ ହେଇଛେ । ଜିଲ୍ଲା ପ୍ରଶାସନ୍ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ ଅନ୍ୟା ଦାସ ଆଉ ଅଧିକାରୀମାନେ ଯୋଗ୍ ଦେଇକରି ଆମ୍ବେଦକରଙ୍କର ପ୍ରତିମୂର୍ତିନ ମାଲ୍ୟର୍ପଣ କରିଛନ୍ ।

ନୂଆପଡ଼ା ଜିଲ୍ଲା ନ ଆମ୍ବେଦକର ଜୟନ୍ତୀ ଅବ୍‌ସରେ ଗୁଟେ ଶୋଭାଯାତ୍ରା ଖଡ଼ିଆଲ ଅଗ୍ରସେନ୍ ଭବନ୍‌ନୁ ବାହାରିକରି ଆମ୍ବେଦକର ଛକ୍ ତକ୍ ଯାଇଥିଲା । ଆମ୍ବେଦକରଙ୍କର ପ୍ରତିମୂର୍ତିନ ମାଲ୍ୟର୍ପଣ ଉତ୍‌ରୁ ଧର୍ମଶାଳାନ ଗୁଟେ ସାଧାରଣ ସଭା ହେଇଥିଲା । ସେନ୍ତା ଜିଲ୍ଲା ଅନୁସୂଚିତ୍ ଜାତି କଲ୍ୟାଣ ସମିତି ତର୍‌ଫୁ ନୂଆପଡ଼ା ସହରେ ଗୁଟେ ବାଇକ୍ ଶୋଭାଯାତ୍ରା ହେଇଥିଲା ।

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାନେ ପ୍ରଶାସନ ତର୍‌ଫୁ ଆମ୍ବେଦକର ଜୟନ୍ତୀ ପାଳିତ ହେଇଛେ । ଜିଲ୍ଲାପାଳ ପାୱାର ସଚିନ୍

ପ୍ରକାଶ ସହର ନ ଥିବା  ଆମ୍ବେଦକରଙ୍କର ପ୍ରତିମୁର୍ତିଥି ମାଲ୍ୟାର୍ପଣ କରି କରି ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଇ ଅବ୍ସରେ ଛାତ୍ରଛାତ୍ରୀମାନଙ୍କ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା କରାଯାଇକରି ପୁରସ୍କୃତ୍ କରାଯାଇଥିଲା ।

ଦେବଗଡ଼ ଜିଲ୍ଲା ସଂସ୍କୃତି ଭବନ୍‌ଠାନେ ହେଇଥିବା ଆମ୍ବେଦନକର ଜୟନ୍ତୀ ସମାରୋହଥି ଦେବଗଡ଼ ବିଧାୟକ ରୋମାଂଚ ରଞ୍ଜନ ବିଶ୍ୱାଲଙ୍କର ସହେତେ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇକରି ବାବା ସାହେବ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ବୌଦ୍ଧ ଜିଲ୍ଲା ସଂଗ୍ରହାଳୟନ ପ୍ରଶାସନ୍ ତର୍‌ଫୁ ହେଇଥିବା ଆମ୍ବେଦକର ଜୟନ୍ତୀ ସମାରୋହଥି ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଆମ୍ବେଦକରଙ୍କର ପ୍ରତିମୂର୍ତିଥି ମାଲ୍ୟାର୍ପଣ କରିଛନ୍ ।

ମୁଖ୍ୟମନ୍ତ୍ରୀ ତାରିଣୀ ପୀଠ ଗସ୍ତ       କେନ୍ଦୁଝର ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁ ତାରିଣୀ ମନ୍ଦିର ଆଉ ତାର୍ ପାରିପାର୍ଶ୍ୱିକ୍ ବିକାଶ୍ ଲାଗି ୨ ଶହ ୧୫ କୋଟିନୁ ଅଏତ୍‌କା ଟଙ୍କାର  ଡିପିଆର୍ ତିଆର୍ ହେଇଛେ ବଲି କହିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଆ ନୂଆବଛର୍ ଅବ୍ସରେ କେନ୍ଦୁଝର

ଯାଇକରି ମାଁ ତାରିଣୀଙ୍କର ଦର୍ଶନ୍ କରିଛନ୍ । ମନ୍ଦିରର ବିକାଶ କାମ୍ ଖୁବ୍ ଜଲ୍ଦି ମୁଲ୍ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ----ମୁଖ୍ୟମନ୍ତ୍ରୀ)

କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କର ସମ୍ବଲପୁର ଗସ୍ତ- ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଏଜ୍ ନିଜର ନିର୍ବାଚନ ମଣ୍ଡଲୀ ନିଜର ନିର୍ବାଚନ ମଣ୍ଡଲୀ ସମ୍ବଲପୁରନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ସନାତନପାଲି ଆର୍‌ଏମ୍‌ସି ମାର୍କେଟ୍‌ର ଶିଳାନ୍ୟାସ୍ କରି କରି ପୁଷ୍ପକୃଷି ମେଳାକେ ଶ୍ରୀ ପ୍ରଧାନ ଉଦ୍‌ଘାଟନ୍ କରିଛନ୍ ।

ପାଣିପାଗ - ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୦ ତାରିଖ୍ ତକ୍ ରାଏଜର୍ ବଡ଼ଭାଗି ଜାଗାନ ଧୁକାଗର୍ଡି ସଙ୍ଗେ ବର୍ଷା ହେଇପାରେ । ଆଏଜ୍ ଆଉ ଆଏବାକାଏଲ୍ ରାଜ୍ୟର ଉପକୂଳ, ଦକ୍ଷିଣ ଆଉ ଆଭ୍ୟନ୍ତର ଜିଲ୍ଲାମାନ୍‌କେ ଧୁକାଗର୍ଡି ଆଉ ବର୍ଷା ହେଇପାରେ ବଲି ଭୁବନେଶ୍ୱର

ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତରଫ୍ରୁ ପୂର୍ବାନୁମାନ କରାଯାଇଛେ ।